ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୯ /୨୦୧୭ (୨୦ ପୃଷ୍ଠା) Bhubaneswar, Sunday, November 19 / 2017 (ଛୁଟିଦିନ ସହ)

# ବିଜିୟୁରେ ମିସ୍ ଇଣ୍ଡିଆ ଖଦି ପ୍ରତିଯୋଗିତା ଅନୁଷ୍ଠିତ




**ଭୁବନେଶ୍ୱର,୧୮-୧୧**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ ମିସ୍ ଇଣ୍ଡିଆ ଖଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀରେ ଡିସେମ୍ବର ମାସରେ ଏହାର ଗ୍ରାଣ୍ଡ୍ ଫାଇନାଲ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିରେ ଚୟନ ହୋଇଥିବା ମଡେଲ୍ ଅନ୍ତର୍ଜାତୀୟ ସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ ବିଜିୟୁଠାରେ ଆୟୋଜିତ ପ୍ରତିଯୋଗିତାରେ ମିସ୍ ଗାର୍ଗୀ ରାଜ, ମିସ୍ କଲ୍ୟାଣୀ ଅଗ୍ରୱାଲ ଏବଂ ମିସ୍ ପ୍ରାଚୀ ପରିଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏମାନେ ଦିଲ୍ଲୀରେ ଓଡିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଭାରତୀୟ ଖଦି କମିଶନ ପକ୍ଷରୁ ଦେଶ ବ୍ୟାପୀ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅବସରରେ ବିଜିୟୁର କୁଳପତି ପ୍ରଫେସର ସୁଧାକର ପଣ୍ଡା, ବିଜିୟୁ ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଡିନ୍ ପ୍ରଫେସର ପି. ନାୟକ, ରାଏପୁରସ୍ଥିତ ଏସ୍ଆଇଡିଆଇର ଭାଇସ୍ ପ୍ରିନ୍ସିପାଲ୍ କପିଲ କେଲକର, ବଲିଉଡ୍ ଫଟୋଗ୍ରାଫର ହରସିତ ଗୁପ୍ତା ପ୍ରମୁଖ ଉପସ୍ଥିତଥିଲେ। ସେହିପରି ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ(କେଭିଆଇସି)ର ସହ ନିର୍ଦ୍ଦେଶକ ପି.କେ ଭୂୟାଁ, ନିବେଦିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

Volume XXXIV No 46
Bhubaneswar
Sunday 19 November 2017
Page 24+16 ₹ 5.00
ଭୁବନେଶ୍ୱର
ରବିବାର ୧୯ ନଭେମ୍ବର, ୨୦୧୭
୨୪+୧୬ ପୃଷ୍ଠା, ମୂଲ୍ୟ ୫ ଟଙ୍କା
(Air Surcharge 0.50p)
www.sambadepaper.com/sambad.in

SAMBAD
ସମ୍ବାଦ

RNI Regd. No. 42132/84 PRINTED AT BHUBANESWAR BALASORE JEYPORE BARGARH

# ବିଜିୟୁରେ ମିସ୍ ଇଣ୍ଡିଆ ଖଦୀ ଫାଇନାଲ ପ୍ରତିଯୋଗିତା

ଭୁବନେଶ୍ୱର, ୧୮/୧୧(ଇମିସ): ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିଠାରେ ମିସ୍ ଇଣ୍ଡିଆ ଖଦୀ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାର୍ଗୀ ରାଜ୍, କଲ୍ୟାଣୀ ଅଗ୍ରୱାଲ ଏବଂ ପ୍ରାଚୀ ପରିଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିସେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମିସ୍ ଇଣ୍ଡିଆ ଫାଇନାଲ୍‌ରେ ଏହି ବିଜୟୀ ପ୍ରତିଯୋଗୀମାନେ ଓଡ଼ିଶା ପକ୍ଷରୁ ନିଜର ପ୍ରତିଭା ପ୍ରଦର୍ଶନ କରିବେ। କୁଳପତି, ପ୍ରଫେସର ସୁଧାକର ପଣ୍ଡା, ପ୍ରଫେସର ପି. ନାୟକ, ଡିନ୍, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, କପିଳ କେଲ୍‌କାର୍, ଭାଇସ୍ ପ୍ରିନ୍ସିପାଲ ତଥା ଏଚ୍‌ଓଡି, ଏସ୍‌ଆଇଡିଆଇ, ରାୟପୁର, ହର୍ଷିତ୍ ଗୁପ୍ତା, ବଲିଉଡ୍ ଫଟୋଗ୍ରାଫର ପି କେ ଭୂୟାଁ ଏବଂ ନିବେଦିତା ଜେନା, ଆସିଷ୍ଟାଣ୍ଟ ଡାଇରେକ୍ଟର, କେ ଭି ଆଇସି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।